ମେସର୍ସ ଶିବ ଶକ୍ତି ଗୋଲ୍ଡ ଫିଙ୍ଗର

ବନାମ

ସହକାରୀ ଆୟୁକ୍ତ, ବାଣିଜ୍ୟ ଟିକସ, ଜୟପୁର

10 ମଇ, 1996

[କେ. ରାମାସ୍ୱାମୀ ଏବଂ ଜି.ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

*ରାଜସ୍ଥାନ ବିକ୍ରୟ ଟିକସ ଅଧିନିୟମ, 1954:*

*ଧାରା 4 (2) - 9.3.1970 ତାରିଖର ଅଧିସୂଚନା –ପାମ୍ପଡ଼ ଏବଂ ବଡ଼ି (ମାଙ୍ଗୋରୀ) - ବିକ୍ରୟ ଟିକସରୁ ମୁକ୍ତ -ଗୋଲ ପାମ୍ପଡ଼ -ନିର୍ଣ୍ଣୟ ହେଲା, ଅଧିସୂଚନା ଦ୍ୱାରା ମଧ୍ୟ ଅନ୍ତର୍ଭୁକ୍ତ -ଯଦି ଆବଶ୍ୟକ ହୁଏ, ସରକାର ସଂଶୋଧନ ମାଧ୍ୟମରେ ଛାଡ଼ ଅଧିସୂଚନାରେ ଆବଶ୍ୟକ ଘୋଷଣା କରିପାରିବେ ।*

ଦେୱାନୀ ଅପିଲିୟ କ୍ଷେତ୍ରାଧିକାରିତା : ଦେୱାନୀ ଅପିଲ ସଂଖ୍ୟା 9074/1996 ।

S.B.S.T.R. ସଂଖ୍ୟା 110/1987ରେ ରାଜସ୍ଥାନ ଉଚ୍ଚ ନ୍ୟାୟାଳୟର 18.4.91 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ କେ.କେ. ଜୈନ, ଅଜୟ କେ. ଜୈନ, ଶଶି ଭୂଷଣ ଏବଂ ପ୍ରମୋଦ ଦୟାଲ ।

ଉତ୍ତରଦାତାଙ୍କ ପାଇଁ ଅରୁଣେଶ୍ୱର ଗୁପ୍ତା ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଅନୁମତି ପ୍ରଦାନ କରାଗଲା ।

ବିଶେଷ ଅନୁମତି ଦ୍ୱାରା ଏହି ଅପିଲ, ବିକ୍ରୟ ଟିକସ ପୁନରୀକ୍ଷଣ ସଂଖ୍ୟା 110/1987 ରେ ରାଜସ୍ଥାନ ଉଚ୍ଚ ନ୍ୟାୟାଳୟ, ଜୟପୁର ଖଣ୍ଡପୀଠ ଦ୍ୱାରା 18 ଏପ୍ରିଲ, 1991 ରେ ଦିଆଯାଇଥିବା ଆଦେଶ ଏବଂ ରାୟରୁ ଉତ୍ପନ୍ନ ହୋଇଛି । ରାଜସ୍ଥାନ ବିକ୍ରୟ ଟିକସ ଅଧିନିୟମ, 1954 (ସଂକ୍ଷେପରେ, 'ଅଧିନିୟମ')ର ଧାରା 4 (2) ଅନୁଯାୟୀ କ୍ଷମତା ପ୍ରୟୋଗ କରି ଉତ୍ତରଦାତା-ରାଜ୍ୟ ମାର୍ଚ୍ଚ 9, 1970 ରେ ଏକ ଅଧିସୂଚନା ଦ୍ୱାରା ପାମ୍ପଡ଼ ଏବଂ ବଡ଼ି ଅର୍ଥାତ୍ ମାଙ୍ଗୋରୀକୁ ବିକ୍ରୟ ଟିକସରୁ ମୁକ୍ତ କରିଥିଲେ । ଉପରୋକ୍ତ ଅଧିସୂଚନା ଅନୁଯାୟୀ ମଇଦା, ଲୁଣ ମଣ୍ଡ, ପାମ୍ପଡ଼ ସୋଡ଼ା, ଫିଟକିରୀ ଏବଂ ଖାଦ୍ୟ ରଙ୍ଗରୁ ପ୍ରସ୍ତୁତ ଗୋଲ ପାମ୍ପଡ଼କୁ ବିକ୍ରୟ ଟିକସରୁ ମୁକ୍ତ କରିବା ପାଇଁ ଆବେଦନକାରୀ ଆବେଦନ କରିବା ସମୟରେ ଅତିରିକ୍ତ ଆୟୁକ୍ତ 27.8.82 ତାରିଖର କାର୍ଯ୍ୟପନ୍ଥା ଅନୁଯାୟୀ ଗୋଲ ପାମ୍ପଡ଼ ଅଧିସୂଚନା ଦ୍ୱାରା ଅନ୍ତର୍ଭୁକ୍ତ ନୁହେଁ ବୋଲି ମତ ଦେଇଥିଲେ । ଯେତେବେଳେ ଅପିଲ ଦାୟର ହେବାକୁ ଆସିଲା, ବିକ୍ରୟ ଟିକସ ନ୍ୟାୟାଧିକରଣ ନିଜର 17.3.86 ତାରିଖ ଆଦେଶ ଦ୍ୱାରା ଅପିଲକୁ ଅନୁମତି ଦେଲେ ଏବଂ ରାୟ ଦେଲେ ଯେ ଏହି ଅଧିସୂଚନା ସମସ୍ତ ପ୍ରକାରର ପାମ୍ପଡ଼କୁ ପରିଚାଳନା କରିବ, ସେଗୁଡ଼ିକ ବୃତ୍ତାକାର ହେଉ କିମ୍ବା

ଚେପଟା ଆକାରର, ଯେଉଁଥିରେ ଡାଲି, ଚାଉଳ, ମଇଦା ଇତ୍ୟାଦି ସମସ୍ତ ଉପାଦାନ ଅନ୍ତର୍ଭୁକ୍ତ । ଯେତେବେଳେ ରାଜ୍ୟ ଏହି ମାମଲାକୁ ପୁନରୀକ୍ଷଣରେ ନେଇଥିଲା, ସେତେବେଳେ ଉଚ୍ଚ ନ୍ୟାୟାଳୟ ଏହାକୁ ଅନୁମତି ଦେଇଥିଲେ ଏବଂ ନିର୍ଣ୍ଣୟ କରିଥିଲେ ଯେ ଅପିଲକାରୀ ଏହି ଛାଡ଼ ପାଇବାକୁ ହକଦାର ନୁହଁନ୍ତି । ତେଣୁ ବିଶେଷ ଅନୁମତି ଦ୍ୱାରା ଏହି ଅପିଲ ।

ଏହା ଦେଖିବାକୁ ମିଳିଛି ଯେ ଏହି ଅଧିସୂଚନାରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି ଯେ 'ପାମ୍ପଡ଼' ଶବ୍ଦଟି ଏକ ପ୍ରଜାତିର ବ୍ୟବହୃତ ହୋଇଛି ଏବଂ ଏହାର ପ୍ରଜାତି ଡାଲି, ଚାଉଳ, ମଇଦା, ଆଳୁ, ସାଗୁ ଇତ୍ୟାଦି ଦ୍ୱାରା ପ୍ରସ୍ତୁତ ହୋଇଥାଏ । ଅଧିସୂଚନାରେ " ପାମ୍ପଡ଼ ଏବଂ ବଡ଼ି" ଅର୍ଥାତ୍ ମାଙ୍ଗୋରୀ ଶବ୍ଦ ବ୍ୟବହାର କରାଯାଇଛି ଯେତେବେଳେ ଅଧିସୂଚନାର ପ୍ରବେଶ ସଂଖ୍ୟା 3ରେ "ଲେଟର୍ ହେଡ୍ ପ୍ୟାଡ୍" ଶବ୍ଦ ପରେ "ହସ୍ତନିର୍ମିତ କାଗଜରେ ନିର୍ମିତ ଅନ୍ୟାନ୍ୟ ଷ୍ଟେସନାରୀ ସାମଗ୍ରୀ" ଶବ୍ଦ ବ୍ୟବହାର କରାଯାଇଛି ଯାହାର ଅର୍ଥ ହେଉଛି ପ୍ରବେଶ ସଂଖ୍ୟା 3 କେବଳ ନିମନ୍ତ୍ରଣ କାର୍ଡ, ଲଫାପା, ଫାଇଲ୍ କଭର, ଲେଟର୍ ହେଡ୍ ପ୍ୟାଡ୍ ମଧ୍ୟରେ ସୀମିତ ନୁହେଁ ବରଂ ହସ୍ତନିର୍ମିତ କାଗଜରେ ନିର୍ମିତ ଅନ୍ୟାନ୍ୟ ଷ୍ଟେସନାରୀ ସାମଗ୍ରୀ ମଧ୍ୟ ଅନ୍ତର୍ଭୁକ୍ତ । ପ୍ରଶ୍ନ ହେଉଛି : ପାମ୍ପଡ଼ର ଉପାଦାନଗୁଡ଼ିକ କେବଳ ଡାଲି କିମ୍ବା ମଇଦା କିମ୍ବା ଚାଉଳ ଇତ୍ୟାଦି ଦ୍ୱାରା ଗଠିତ କି? ଯେତେବେଳେ ଅଧିସୂଚନାରେ ପାମ୍ପଡ଼ ଏବଂ ବଡ଼ି, ଅର୍ଥାତ୍ ମାଙ୍ଗୋରୀ ବିଷୟରେ ଉଲ୍ଲେଖ କରାଯାଏ, ସେତେବେଳେ ଜଣାପଡ଼େ ଯେ ସେମାନେ ଯେ କୌଣସି ଉପାଦାନରେ ତିଆରି ଗୋଲ କିମ୍ବା ଚେପଟା ପାମ୍ପଡ଼ ମଧ୍ୟରେ ପାର୍ଥକ୍ୟ କରିବାକୁ ଚାହୁଁନଥିଲେ ।

ସେହି ପରିସ୍ଥିତିରେ ଏହା ଦେଖାଯାଏ ଯେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଦିଆଯାଇଥିବା ବ୍ୟାଖ୍ୟା ଠିକ୍ ନୁହେଁ ଏବଂ ନ୍ୟାୟାଧିକରଣଙ୍କ ବ୍ୟାଖ୍ୟା ସଠିକ୍ ।

ଅପିଲକୁ ଅନୁମତି ଦିଆଯାଇଛି ଏବଂ ଯଦି କୌଣସି ଅସୁବିଧା ହୁଏ, ସଂଶୋଧନ ମାଧ୍ୟମରେ ଛାଡ଼ ଅଧିସୂଚନାରେ ଆବଶ୍ୟକ ଘୋଷଣା କରିବାକୁ ସରକାରଙ୍କ ପାଇଁ ଏହା ଉନ୍ମୁକ୍ତ ରହିବ । କୌଣସି ଖର୍ଚ୍ଚ ନାହିଁ ।

ଆର୍.ପି. ଅପିଲକୁ ଅନୁମତି ଦିଆଗଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***
ସୁବୋଧ ରାଉତ,
ଉପବିଭାଗ ଅଧିକାରୀ (ଅନୁବାଦ),
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।